ISSN -2583-147X (P), Vol.- 9, Issue No.XI, February 2024
**Bastabatara Pariprakash Prachee**
***Peer Reviewed and Referred Research Journal***

# ସମାଜ ସତର୍କ ଅନ୍ତର୍ଦୃଷ୍ଟି : ଫକୀରମୋହନ ପଦ୍ୟସୃଷ୍ଟି

**ଡକ୍ଟର ତ୍ରିଲୋଚନ ଜେନା**

ପ୍ରସଙ୍ଗକୁ ଯିବା ପୂର୍ବରୁ ଏହି କଥା ସ୍ପଷ୍ଟ କରିଦେବା ଦରକାର ଯେ ସାହିତ୍ୟର ସ୍ରଷ୍ଟା ଜଣେ ସମାଜ ସଂସ୍କାରକ ନୁହେଁ, ସମାଜକୁ ସତର୍କ କରାଇବାକୁ ସେ ବାଧ୍ୟ ନୁହେଁ । ସମାଜ ସତର୍କ ନହେଲେ ତାର ସାହିତ୍ୟ ସୃଷ୍ଟି ଯେ ବୃଥା ତାହା ମଧ୍ୟ ନୁହେଁ; ମାତ୍ର ସେ ଯେ ସାମାଜିକ ପ୍ରାଣୀ ଆଉ ତାର ଜୀବନ ଓ ଚିନ୍ତନ ସମାଜ ସହ ଜଡ଼ିତ । ଫଳତଃ ସ୍ରଷ୍ଟାର ସାହିତ୍ୟ ସୃଷ୍ଟିରେ ସମାଜର ରୂପ ଝଲସି ଉଠିଥାଏ । ସେଥିପାଇଁ ବୋଧହୁଏ ଇଂରାଜୀରେ କୁହାଯାଇଛି – Literature is the mirror of soiety । ସ୍ରଷ୍ଟା ନିଜ ସାହିତ୍ୟ ସୃଷ୍ଟିକୁ ସମାଜର ଆଇନା ଭାବରେ ଟୋକିଧରି ଅନ୍ୟମାନଙ୍କୁ ସମାଜର ଭଲମନ୍ଦ, ଭୂଲ୍‌ଠିକ୍ ଦେଖାଏ । ଅନ୍ୟପକ୍ଷରେ ବିଚାର କଲେ, ସାଧାରଣ ମଣିଷ ପାଇଁ ସମାଜ ଏକ ନିତ୍ୟ ନୈମିତ୍ତିକ କର୍ମକ୍ଷେତ୍ର । ମାତ୍ର ସ୍ରଷ୍ଟା ପାଇଁ ଏହି ସମାଜରେ ନିହିତ ଥାଏ ବହୁବିଧ ଦୃଶ୍ୟ ବୈଚିତ୍ର୍ୟ । ପ୍ରତ୍ୟେକ ସ୍ରଷ୍ଟା ସମାଜ ଜୀବନର ଏହି ବହୁବିଧ ଦୃଶ୍ୟ ବୈଚିତ୍ର୍ୟରୁ ଯେଉଁଟି ତାଙ୍କ ପାଇଁ ଅଧିକ ସଂବେଦନଶୀଳ ଓ ସାମାଜିକ ପ୍ରତିକ୍ରିୟା ଆହ୍ୱାନରେ ସମର୍ଥ କେବଳ ସେଇଟିକୁ ଗ୍ରହଣ କରନ୍ତି ଏବଂ ତାହାକୁ ନେଇ ନିଜ ଭାବନାର ରଙ୍ଗଦେଇ ସ୍ୱତନ୍ତ୍ର ଭାବରେ ଉପସ୍ଥାପିତ କରିଥାନ୍ତି । ଅନେକ ସମୟରେ ଏଥିରେ ନିହିତ ରହିଥାଏ ସମାଜକୁ ପରିବର୍ତ୍ତନ କରିବାର ପ୍ରୟାସ । ଏହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ବିଚାର କଲେ, ଏଥିରେ ଯେତେବେଳେ ସମାଜ ପ୍ରସଙ୍ଗ ଲେଖକ ମାନସିକତା ସଂକ୍ରମିତ ହୋଇଛି ସେତେବେଳେ ତାର ଆଭିମୁଖ୍ୟ ହୋଇଛି ପ୍ରଚଳିତ ସମାଜଧାରାକୁ ପରିବର୍ତ୍ତନ କରିବା, ଲୋକମାନସକୁ ସଂସ୍କାର କରିବା, ସର୍ବୋପରି ସୁସ୍ଥ ସମାଜ ପରିକଳ୍ପନା କରିବା । ତେଣୁ ସମାଜ ଜୀବନରେ ଯେଉଁଠି କିଛି ତ୍ରୁଟି ସ୍ରଷ୍ଟାର ଦୃଷ୍ଟି ବଳୟକୁ ପ୍ରଭାବିତ କରେ ସେ ନିଜ ସୃଷ୍ଟିରେ ସେଥିପ୍ରତି ସତର୍କ ବାର୍ତ୍ତା ଉପସ୍ଥାପିତ କରିଥାଏ । ଏହି ଭିତ୍ତିରେ ଆମେ ଫକୀରମୋହନଙ୍କ ପଦ୍ୟ ସାହିତ୍ୟକୁ ଆଲୋଚନା କରିପାରିବା ।

କଥାସମ୍ରାଟ ଫକୀରମୋହନ ସେନାପତି ନିଜ ଗଦ୍ୟସୃଷ୍ଟି ପାଇଁ ଯେତିକି ଚର୍ଚ୍ଚିତ କାବ୍ୟକବିତା ରୂପକ କୋଣାର୍କର କଳା କାରିଗରୀ ପାଇଁ ସେତିକି ପ୍ରଶଂସନୀୟ ଓ ସ୍ମରଣୀୟ । ବ୍ୟାସକବି ଭାବରେ ଖ୍ୟାତ ଫକୀରମୋହନ ସେନାପତିଙ୍କ ପଦ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନର ଦାବି ରଖେ । ଗଦ୍ୟ ସାହିତ୍ୟ ପରି ପଦ୍ୟ ସାହିତ୍ୟରେ ମଧ୍ୟ ସେ ସମାଜ ସ୍ୱରୂପ ପ୍ରତି ଅଧିକ ତୀକ୍ଷ୍ଣ ଦୃଷ୍ଟି ପ୍ରକଟ କରିଛନ୍ତି । ଗଦ୍ୟପରି ପଦ୍ୟରେ ମଧ୍ୟ ଏହି ଅର୍ନ୍ତଦୃଷ୍ଟି ଶାଣିତ ଓ ତୀବ୍ର । ଫକୀରମୋହନଙ୍କ ପଦ୍ୟସୃଷ୍ଟିକୁ ସମାଜ ଜୀବନର ମଞ୍ଜୁଳ କାବ୍ୟ ପଞ୍ଜିକା କହିଲେ ଅତ୍ୟୁକ୍ତ ହେବ ନାହିଁ ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମକାଳୀନ ସମାଜର ପୃଷ୍ଠଭୂମିରେ ଗଢ଼ି ଚାଲିଥିବା ସମୟର କମ୍ପନ ଅତି ନିକଟତର ଭାବେ ଅନୁଭୂତ ହୁଏ । ତାଙ୍କର ସମାଜ–ସତର୍କ ଅନ୍ତର୍ଦୃଷ୍ଟି ସମୟର ଏହି ଦୃପ୍ତ ପଦପାଦକୁ ଭେଦ କରିଛି । ସମାଜ ଜୀବନରେ ତାର ଦୁରାଚାରିତାକୁ ସ୍ୱୀକାର କରିଛି । ତତ୍‌କାଳୀନ ସମାଜ ଜୀବନରେ ନ'ଅଙ୍କ ଦୁର୍ଭିକ୍ଷର ପ୍ରଭାବ ହେଉ ଅବା ଭାଷାବିଲୋପ ଆନ୍ଦୋଳନର ସାମାଜିକ ପ୍ରତିକ୍ରିୟା ହେଉ ସବୁ ତାଙ୍କ ପଦ୍ୟ ସୃଷ୍ଟିରେ ରୂପପାଇଛି ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟ ସମାଜ ଜୀବନର ଅଧୋଗତିକୁ ପୁଞ୍ଜିକରି ଗଢ଼ି ଉଠିଛି । ଏଥିରେ ସମାଜ ଜୀବନରେ ସଂସ୍କାର ଅପେକ୍ଷା ରକ୍ଷଣଶୀଳତାର ଦୃଢ଼ ସମର୍ଥନ, ସମାଜ ଜୀବନରେ ଇଂରାଜୀ ଶିକ୍ଷା ସଭ୍ୟତାର ପ୍ରତିଫଳନ, ଶିଳ୍ପ ବିପର୍ଯ୍ୟୟ ଆଦି ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ସାମାଜିକ ଜୀବନର ବିଭିନ୍ନ

ଦିଗର ଚିତ୍ର 'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ', 'ବିଧବାର ଅଭିଶାପ', 'ରାମନାଥ କଥା', 'ଉତ୍କଳ କୃଷକ', 'ଭଣ୍ଡ ସନ୍ନ୍ୟାସୀ', 'ମୁଁ ହାଟ ବାହୁଡ଼ା. 'ଉତ୍କଳ ଭ୍ରମଣ', 'ଛିନ୍ନ ଭିନ୍ନ ଜନ୍ମଭୂମି' ଆଦି କବିତାରେ ରୂପ ପାଇଛି ।

ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମୟର ସ୍ପନ୍ଦନ କ୍ରମେ ପ୍ରତିଫଳିତ ହୋଇଛି ସମାଜ ଜୀବନରେ ବେଶ୍ ହଇଚଇ ସୃଷ୍ଟି କରିଥିବା ଆଇନ୍ ଅଦାଲତ, ନୂତନ ବୁଦ୍ଧିଜୀବୀ ସଂପ୍ରଦାୟ ଓ ପାଶ୍ଚାତ୍ୟ ଶିକ୍ଷା ପ୍ରଭୃତିର ସ୍ୱରୂପ । ଏ ସବୁର ଚିତ୍ର ପ୍ରଦାନକୁ ଯଦି ବିଚାର କରି ଦେଖିବା ତେବେ ଏଥିରେ କେବଳ ଏକ ଏକ ସରଳରୈଖିକ ଚିନ୍ତାଧାରା ବା ବର୍ଣ୍ଣନା ନାହିଁ, ଅଛି ସ୍ଖଳିତ ସମାଜକୁ ସତର୍କ କରିବାର ଶୃଙ୍ଖଳିତ କରିବାର ଏକ ସକରୁଣ ଆହ୍ୱାନ । ଏହାର ଉଦାହରଣ ଭାବରେ ଆମେ 'ଉତ୍କଳ ଭ୍ରମଣ'ର ଏହି ପଦ୍ୟାଂଶକୁ ବିଚାର କରିପାରିବା । କବିଙ୍କ ଭାଷାରେ –

"ପଢ଼ ଇଙ୍ଗରେଜୀ କେହି ମନା କରୁନାହିଁ
କିନ୍ତୁ ବାପା କାମ କର ଜାତିକୁଳ ଚାହିଁ
ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ ହାୟ ଲାଜକଥା କହିବି କାହକୁ"

ବାସ୍ତବିକ କବିଙ୍କ ବର୍ଣ୍ଣନାରେ କେବଳ ଭାଷାପ୍ରତି ରୂପ ପାଇନାହିଁ ବରଂ ଭାଷା ବିଲୋପ ପ୍ରତି ସତର୍କ ସୂଚନା ମଧ୍ୟ ଅନ୍ତରାଳରେ ପ୍ରକଟିତ ହୋଇଛି ।

ଫକୀରମୋହନଙ୍କ ସମକାଳୀନ ଓଡ଼ିଶାର ସମାଜ – ଜୀବନ ରକ୍ଷଣଶୀଳତା ଓ କୁସଂସ୍କାରରେ ଆକ୍ରାନ୍ତ ଥିଲା । ସଂସ୍କାର ପାଇଁ ଏ କ୍ଷେତ୍ରରେ ଅବଶ୍ୟ ପରବର୍ତ୍ତୀ କାଳରେ ବ୍ୟକ୍ତିବିଶେଷଙ୍କୁ ଅଶେଷ ସଂଗ୍ରାମ କରିବା ପାଇଁ ପଡ଼ିଥିଲା । ଫକୀରମୋହନ ଥିଲେ ସମାଜ ଜୀବନକୁ ନିରୀକ୍ଷଣ କରିବାର ସାର୍ଥକ ଶିଳ୍ପୀ । ତେଣୁ ସମାଜ ଜୀବନରେ ଥିବା ଦୋଷଦୁଷ୍ଟ ଦିଗ ପ୍ରତି ସେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ସେସବୁକୁ ହିଁ ଚମତ୍କାର ଭାବରେ ନିଜ ପଦ୍ୟ ସାହିତ୍ୟରେ ରୂପାୟିତ କରିଛନ୍ତି । ସମାଜରେ ଧର୍ମନାରେ ଥିବା ନାନା କୁସଂସ୍କାର ପ୍ରତି ସତର୍କ ସୂଚନା ଦେବାକୁ ଯାଇ ସେ 'ଭଣ୍ଡ ସନ୍ନ୍ୟାସୀ' ପଦ୍ୟରେ ସନ୍ନ୍ୟାସୀଙ୍କର ଉତ୍ପୀଡ଼ନକୁ ସାର୍ଥକ ଭାବରେ ଉପସ୍ଥାପିତ କରିଛନ୍ତି । ସାହୁକାରମାନଙ୍କର ଶୋଷଣ ଓ ତା' ବିରୁଦ୍ଧରେ ପ୍ରତିକ୍ରିୟା ହୀନ କୃଷକ ସମାଜର ମନୋଭାବରେ ନିହିତ ରକ୍ଷଣଶୀଳତାର ଶବ୍ଦଚିତ୍ର ତାଙ୍କ 'ଉତ୍କଳ କୃଷକ' ପଦ୍ୟରେ ସ୍ପଷ୍ଟ । କବିଙ୍କ ଭାଷାରେ –

"ଖଳା ମୁଣ୍ଡେ ଆସି ଜଗି ବସିଥିବ ସାହୁ
ଘେନିଯାଏ ଅଧେ, ମୂଳ କଳନ୍ତର ଆଉ
ପଣ ପଣୁ ଅଧିକରେ ଯାଏ ରାଜ କରେ
ବଳକା ମୁଠାକ ମାତ୍ର ପଶେ ଆସି ଘରେ"

ଏହିପରି ଫକୀରମୋହନଙ୍କ ଅନେକ କବିତାରେ ସମାଜ ଜୀବନର ସତର୍କତା ରୂପାୟିତ । ସମାଜ ଜୀବନରେ ଥିବା ଅନ୍ଧବିଶ୍ୱାସ, ବ୍ରାହ୍ମଣମାନଙ୍କ ଉତ୍ପୀଡନ, ସଂକୀର୍ଣ୍ଣ ଧର୍ମଧାରଣା, ଶଠତା, ଭଣ୍ଡସନ୍ନ୍ୟାସୀଙ୍କ କୁତ୍ସିତ ଆଚରଣ ଆଦିକୁ ତାଙ୍କ ପଦ୍ୟ ସାହିତ୍ୟରେ ରୂପ ଦେଇଛନ୍ତି । ସଂସ୍କାରକାମୀ ପାଶ୍ଚାତ୍ୟ ସଭ୍ୟତା ପ୍ରଭାବିତ ଯୁବଚିତ୍ତର ସଂଶୟାତ୍ମକ କାର୍ଯ୍ୟକଳାପ ଅପରପକ୍ଷେ ପରମ୍ପରାଗ୍ରସ୍ତ ସମାଜର ବିଗାର ମନୋଭାବ ତତ୍‌କାଳୀନ ସମାଜ ଜୀବନକୁ ଯେ କୁତ୍ସିତ, ଦୟନୀୟ ନିର୍ଯ୍ୟାତିତ, ତଥା ଅନେକ ଅଶ୍ରଦ୍ଧା ଭାବରେ ବ୍ୟଞ୍ଜିତ କରିଦେଇଥିଲ. ଏହାର ଚିତ୍ର ସହ ଏଥିପ୍ରତି ସାମାଜିକ ସତର୍କତା ତାଙ୍କ ପଦ୍ୟ ସାହିତ୍ୟରେ ଯଥେଷ୍ଟ ପରିମାଣରେ ମିଳିଥାଏ । ଏହା ସହିତ ତାଙ୍କ ପଦ୍ୟ ସାହିତ୍ୟରେ ମଦ୍ୟପାନ, ବେଶ୍ୟାବୃତ୍ତି, ପରସ୍ୱହରଣ, ଧର୍ମ ଓ ଶାସ୍ତ୍ରନାମରେ ଶୋଷଣ, ନିରୀହ ଅସହାୟ ମଣିଷଙ୍କ ଜୀବନ ଯାତ୍ରାକୁ କିପରି ଦୁର୍ବିସହ କରିଦେଇଥିଲା, ତାର ବର୍ଣ୍ଣନା ଓ ଏହିସବୁ ଅପ୍ରଚାର ବିରୁଦ୍ଧରେ ସତର୍କତା ପାଇଁ ଏବଂ ସଂସ୍କାର ପାଇଁ ପ୍ରୟାସ କରିଥିବାର ମଧ୍ୟ ଲକ୍ଷ୍ୟ କରାଯାଏ । ସମୟର ସ୍ୱଚ୍ଛତାକୁ ଆଖିଆଗରେ ରଖି ଏହି ପ୍ରବନ୍ଧରେ ଫକୀରମୋହନଙ୍କ ପଦ୍ୟ ସାହିତ୍ୟରେ ସମାଜ ସତର୍କ ଅର୍ନ୍ତଦୃଷ୍ଟିକୁ ସଂକ୍ଷେପ୍ରର ଆଲୋଚନା କରାଗଲା ।

ଅଧ୍ୟାପକ (ଓଡ଼ିଆ ବିଭାଗ)
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ